# Akashvani, Sambalpur

# SAMBALPURI NEWS EVENING BULLETIN

# 2 july 2026-7.02- 7.12 pm.

---

୧- ରାଏଜେ ବୃହତ୍ ଆଲୁମିନିୟମ୍ ପ୍ରକଳ୍ପ ଥାପ୍‌ନା ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ଉପସ୍ଥିତିଥି ସ୍ୱାକ୍ଷରିତ୍ ହେଲା ୧ ଲାଖ୍ ୧୦ ହଜାର୍ କୋଟି ଟଙ୍କାର୍ ବୁଝାମଣା ପତ୍ର ।

୨- ୨୦୨୬ ବଛର୍‌ର ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ଲାଗି ମୁଲ ହେଲା ନାମାଙ୍କନ୍ ପ୍ରକ୍ରିୟା ।

୩- ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍ ବାହାର୍‌ଲା ସାଧାରଣ୍ ପିଜି ପ୍ରବେଶିକା ପରୀକ୍ଷା ଫଲ୍ ।

ଆଉର୍

୪- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ପୁରୀ ନ ହେଲା ସମନ୍ୱୟ ବୈଠକ୍ ।

ବୁଝାମଣାପତ୍ର ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଉପସ୍ଥିତିଥି ୧ ଲାକ୍ ୧୦ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଲାଗି ଆଏଜ୍ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ଶିଳ୍ପ ପ୍ରୋତ୍ସାହନ୍ ସଂସ୍ଥା ଇପିକଲ୍ ଆଉ ସଂଯୁକ୍ତ ଆରବ୍ ଏମିରେଟ୍ସର ପ୍ରତିଷ୍ଠିତ୍ ବ୍ୟବସାୟିକ୍ ପ୍ରତିଷ୍ଠାନ୍ ଇଂଟର୍‌ନ୍ୟାସ୍‌ନାଲ୍ ହୋଲ୍ଡିଂ କମ୍ପାନୀ ଆଇ.ଏଚ୍.ସି. ଭିତ୍‌ରେ ଗୁଟେ ମେଗା ସମନ୍ୱିତ୍ ଆଲୁମିନିୟମ୍ ପ୍ରକଳ୍ପ ଲାଗି ଇ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ମୁଖ୍ୟମନ୍ତ୍ରୀ କହିଛନ୍, ଗ୍ରୀନ୍ ମେଟାଲ୍ସ ଆଉ ପରିବେଶ୍ ଉପଯୋଗୀ ଶିଳ୍ପାୟନ୍‌ର ଧାରାକେ ବର୍‌କସ୍ କର୍‌ବାର୍ ଲାଗି ଇ ପ୍ରକଳ୍ପ ସାହାଜ୍ କର୍‌ବା । ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍ ନ ନିବେଶକ୍ ମାନ୍‌କର୍ ଲାଗି ଓଡ଼ିଶା ଶିଳ୍ପ ଅନୁକୂଳ ପରିବେଶ୍ ତିଆର୍ କର୍‌ବାର୍‌ଥି ସଫଲ୍ ହେଇଛେ । ୨୦୩୬ ମସିହାତକ୍ ଓଡ଼ିଶାକେ ଗୁଟେ ସମୃଦ୍ଧ, ଆଧୁନିକ୍, ସମାବେଶୀ ଆଉ ଶିଳ୍ପକ୍ଷେତ୍ରଥି ଆଗ୍‌ଧାଡ଼ିର୍ ରାଜ୍ୟ ବନାବାର୍ ଲାଗି

ସରକାର୍ ନିରନ୍ତର୍ ଚେଷ୍ଟା ଜାରି ରଖିବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ପ୍ରକଳ୍ପ ଜରିଏ ରାଏଜେ ବକ୍ସାଇଟ୍, ଖଣିଜ କାମ୍, ଆଲୁମିନା ରିଫାଇନିଂ, ସ୍ମେଲଟିଂ, ଅନୁସନ୍ଧାନ୍ ଆଉ ଗବେଷଣା, ଡିଜିଟାଲ୍ ଭିତିଭୂମିର୍ ବିକାଶ୍ ଆଉ ରାଏଜେ ଗୁଟେ ଉତ୍କର୍ଷ କେନ୍ଦ୍ର ଥାପ୍ନା କର୍ବାର୍ ଲାଗି ଇଥି ଚେଷ୍ଟା କରାଯିବା । ଶିଳ୍ପ ପ୍ରତିଷ୍ଠା ଜରିଏ ପାଖାପାଖି ୫୩ ହଜାର୍ ୫ ଶହ ନିଯୁକ୍ତି ସୁଯୋଗ୍ ମିଲ୍ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ଏନ୍‌ଏସ୍‌ଡି

ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍ଫୁ ୫ ନୁ ୧୮ ବଛର୍ ବୟସର୍ ଛୁଆମାନ୍‌କର୍ ଅସାଧାରଣ୍ ଉପଲବ୍ଧିକେ ସମ୍ମାନିତ୍ କର୍ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ -୨୦୨୬ ଲାଗି ନାମାଙ୍କନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଆବେଦନ୍ ଦାଖଲ୍

କର୍‌ବାର୍ ଶେଷ୍ ତାରିଖ୍ ଇ ମାସର୍ ୩୧ ତାରିଖ୍ ରହିଛେ । ଇ ନାମାଙ୍କନ୍ ଖାଲି ଅନ୍‌ଲାଇନ୍ ପୋର୍ଟାଲ୍ awards.gov.in ଜରିଏ କରାଯାଇପାର୍‌ବା ବଲି ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ କ୍ରୀଡ଼ା, ସମାଜ୍‌ସେବା, ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା, ପରିବେଶ୍, କଲା ଆଉ ସଂସ୍କୃତି କ୍ଷେତ୍ରଥି ବହୁତ୍ ଭଲ୍ ପ୍ରଦର୍ଶନ୍ କରିଥିବା ଛୁଆମାନ୍‌କୁ ଦିଆଯାଏସି । ବିପଦ୍‌ପୂର୍ଣ୍ଣ ପରିସ୍ଥିତିଥି ଅସାଧାରଣ୍ ସାହସିକତା ଦେଖେଇଥିବା ଛୁଆମାନ୍‌କୁ ଭିଲ୍ ଇ ପୁରସ୍କାର୍ ଦିଆଯାଏସି ।

ସମନ୍ୱୟ ବୈଠକ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁ ଶ୍ରୀଜଗନନାଥଙ୍କର୍ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକେ, ସୁରକ୍ଷିତ୍, ଶୃଙ୍ଖଲିତ୍ ଆଉ ଠିକ୍ ଭାବେ କର୍‌ବାର୍ ଲାଗି ପୁରୀ ପୁଲିସ୍ କାର୍ଯ୍ୟାଳୟ ନ ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭକ୍ତମାନ୍‌କର୍ ସୁବିଧା, ସୁରକ୍ଷା, ଶୃଙ୍ଖଲିତ୍ ଦର୍ଶନ୍ ବ୍ୟବସ୍ଥା, ବଡ଼ଦାଣ୍ଡ ନ ଭିଡ଼ ଆଉ

ଟ୍ରାଫିକ୍ ନିୟନ୍ତ୍ରଣ୍ ଆଉ ସେବାୟତ୍‌ମାନ୍‌କର୍ ସାଙ୍ଗେ ଠିକ୍ ହିସାବେ ତାଲ୍‌ମେଲ୍ ରଖ୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା । ରଥଯାତ୍ରା ବେଲ୍‌କେ ଜରୁରୀକାଲୀନ୍ ସେବା ଆଉ ଜନସଚେତନତା ଉପ୍‌ରେ ଖାସ୍ ଜୋର୍ ଦିଆଯିବା ବଲି ଶ୍ରୀ ସିଂ କହିଛନ୍ । ବୈଠକ୍‌ଥି ଛତିଶାନିଯୋଗ୍‌ର ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ଶ୍ରୀମନ୍ଦିର– ବୈଷୟିକ ଯାଂଚ          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା ୧୮ ତାରିଖ୍ ବୈଷୟିକ୍ ଯାଂଚ୍ କରାଯିବା । ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍‌ର ବୈଷୟିକ୍ କମିଟି ଆଉ ଭାରତୀୟ ପ୍ରତ୍ନତାତ୍ତ୍ୱିକ୍ ବିଭାଗ୍‌ର ସଦସ୍ୟମାନେ ଇ କାମ୍ କର୍‌ବେ । ଇଥିର୍‌ଲାଗି ପୂର୍ତ ବିଭାଗ୍ ତର୍‌ଫୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ୍ ସଂସ୍ଥା ଏଏସ୍‌ଆଇକେ ଚିଠି ଜରିଏ ଜନେଇ ଦିଆଯାଇଛେ । ଫି’ ବଛର୍ ରଥଯାତ୍ରା ବେଲ୍‌କେ ଗର୍ଭଗୃହ ଖାଲି ରହିଥିବାର୍‌ନୁ ତାର୍ ଜରୁରୀ ମରାମତି ଲାଗି ଯାଂଚ୍ କରାଯାଏସି । ତାର୍ ଉତ୍‌ରୁ ପର୍ଯ୍ୟବେକ୍ଷଣ୍‌କେ ନେଇକରି ଗୁଟେ ବୈଠକ୍ ହେବାର୍ ସହେତେ

କମିଟିର୍ ସୁପାରିଶ୍ ଆଧାର୍ଥି ନୀଳାଦ୍ରୀ ବିଜେ ଆଘ୍ରୁ ଜରୁରୀ ମରାମତି କାମ୍ ପୁରା କରାଯିବା ।

ସେଆଡ଼େ ରଥ ଖଳାଥି ତିନ୍‌ହି ରଥ ତିଆରି କାମ୍ ଜାରି ରହିଛେ । ବେଢ଼ା ତିଆରି କାମ୍ ଶେଷ୍ ହେଇଥିବାର୍ ବେଲେ ସେତାକେ ରଥଥି ଲଗାଯିବା । ରଥର୍ କଲସ୍, ବେଦୀ, ସିଂହାସନ୍ କାମ୍, ହଂସପଟା, କନ୍ୟାପଟା, ଠେକେରା ବାଡ଼ ବୁଲାଯିବା ଆଉ ମଣ୍ଡଲୀ କାମ୍ ବାକି ରହିଛେ । ତିନ୍‌ହି ରଥଥି ଚିତ୍ରକର ସେବକମାନେ ରଙ୍ଗ୍ ଦେବାର୍ କାମ୍ କରୁଛନ୍ । ଦର୍ଜୀ ସେବକ୍ କପଡ଼ା କାମ୍‌ର ଅନୁକୂଳ କରିଛନ୍ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ପୋଷଣ ଅଭିଯାନ ଓଜନ ଉତ୍ସବ            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚଲ୍‌ତି ଆର୍ଥିକ୍ ବଛର୍‌ର ପହେଲା ଖେପ୍ ପୋଷଣ୍ ଅଭିଯାନ୍ ଓଜନ୍ ଉତ୍ସବ୍ ମୁଲ୍ ହେଇଛେ । ସବୁ ଅଙ୍ଗନବାଡ଼ି କେନ୍ଦ୍ର ନ ଭିନ୍ ଭିନ୍ ସହଯୋଗୀ ବିଭାଗ୍‌ର ସହଭାଗିତାଥି ଇତାର୍ ଆୟୋଜନ୍ କରାଯାଉଛେ । ଜନମ୍‌ନୁ ୬ ବଛର୍‌ତକ୍ ସବୁ ଛୁଆମାନ୍‌କର୍ ମା’ ବାପା ଆଉ ଯତନ୍ ନେଉଥିବା

ଲୁକ୍‌କୁ ପାଖର୍ ଅଙ୍ଗନବାଡ଼ି କେନ୍ଦ୍ର ନ ନିଜର୍ ଛୁଆର୍ ଉଜନ୍ ଆଉ ଉଚତା ମାପ୍ କରାବାର୍‌କେ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ । ଉସ୍‌ବ୍‌ଥି ଛୁଆମାନ୍‌କର୍ ପୋଷଣ୍ ସ୍ଥିତି ଚିହ୍ନଟ୍ ଉତ୍‌ରୁ ଦର୍‌କାରୀ ଚିକିତ୍ସା ଆଉ ଗୋଷ୍ଠୀ ସ୍ତର୍‌ଥି ଯତନ୍ ନିଆଯିବା । ବାଦ୍ ପଡ଼ିଯାଇଥିବା କି ଅପହଂଚ୍ ଆଉ ଦୁର୍ଗମ୍ ଇଲାକା ନ ଛୁଆମାନ୍‌କର୍ ଶହେ ପ୍ରତିଶତ୍ ଉଜନ୍ ଆଉ ଉଚତା ମାପ୍‌ବାର୍‌କେ ସୁନିଶ୍ଚିତ୍ କରାଯିବାର୍‌କେ ଇଥି ଲକ୍ଷ୍ୟ ରଖାଯାଇଛେ । ପୋଷଣ୍ ଅଭିଯାନ୍ ଗଲାକାଏଲ୍ ଠାନୁ ମୁଲ୍ ହେଇଥିବାର୍ ବେଲେ ଇଟା ଆଏବା ୨୫ ତାରିଖ୍‌ତକ୍ ଚାଲ୍‌ବା ।

## ପିଜି ପ୍ରବେଶିକା ପରୀକ୍ଷା ଫଲ ଆଇ.ଆଣ୍ଡ.ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍ ଲାଗି ସ୍ନାତକୋତର୍ ପ୍ରବେଶିକା ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ଉଚଶିକ୍ଷା ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍ ଜରିଏ ନିଜର୍ ଫଲାଫଲ୍ ଦେଖିପାର୍‌ବେ । ଇ ବଛର୍ ୫୦ ଟା ସ୍ନାତକୋତର୍ ପାଠ୍ୟକ୍ରମ୍ ଲାଗି ଇ ପ୍ରବେଶିକା

ପରୀକ୍ଷା କରାଯାଇଥିଲା । ଇଥିର୍‌ଲାଗି ୫୮ ହଜାର୍ ୬ ଶହ ୧୩ ଝନ୍ ପରୀକ୍ଷାର୍ଥୀ ଆବେଦନ୍ କରିଥିବାର୍ ବେଲେ ୫୩ ହଜାର୍ ୯ ଶହ ୫ ଝନ୍ ପରୀକ୍ଷା ଦେଇଥିଲେ । ରାଏଜେ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ଶହେ ୩୨ ଟା ଉଚ୍ଚ ଶିକ୍ଷାନୁଷ୍ଠାନ୍ ନ ସ୍ନାତକୋତର୍ ଲାଗି ୩୨ ହଜାର୍ ୩ ଶହ ୯ ଟା ସିଟ୍ ରହିଛେ । ସାଧାରଣ୍ ପିଜି ପ୍ରବେଶିକା ପରୀକ୍ଷା ଆଧାର୍‌ଥି ଇ ସବୁ ସିଟ୍ ଲାଗି ନାଁଲେଖା ହେବା । ଆଡ୍‌ମିଶନ୍ ବାବଦ୍ ସମିଆ ସୂଚୀ ଖୋବ୍ ଜଲ୍‌ଦି ସାମ୍ସ ପୋର୍ଟାଲ୍‌ଥି ମିଲ୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ସପ୍ଲିମେଂଟାରୀ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଇଛେ । ପରୀକ୍ଷା ଆଏବା ୧୦ ତାରିଖ୍‌ତକ୍ ଚାଲ୍‌ବା । ୨ ଶହ ୫୧ ଟା କେନ୍ଦ୍ର ନ ଇ ଦୁହି ପରୀକ୍ଷା ହେଉଛେ ।

ଲକ୍ଷ୍ମୀପୁରାଣ ଶୀର୍ଷକ ଆଲୋଚନାଚକ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ମିଶନ ଶକ୍ତି ଭବନ ପ୍ରେକ୍ଷାଳୟ ନ ଶକ୍ତି ବନ୍ଦନାର ମହାଗାଥା- ବଳରାମ ଦାସଙ୍କର୍ ଲକ୍ଷ୍ମୀପୁରାଣ ଶୀର୍ଷକ୍ ଜାତୀୟ ଆଲୋଚନାଚକ୍ର ହେଇଯାଇଛେ । ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଲକ୍ଷ୍ମୀ ପୁରାଣ୍‌ର ସାହିତ୍ୟିକ୍, ସାଂସ୍କୃତିକ୍ ଆଉ ସାମାଜିକ୍ ମହତ୍ୱ ବାବ୍‌ଦେ ଆଲୋଚନା କରିଛନ୍ । ନାରୀ ସଶକ୍ତିକରଣ୍ ଆଉ ସାମାଜିକ୍ ସମାନତାର ବାର୍ତା ବାବ୍‌ଦେ ବିଶିଷ୍ଟ ଗବେଷକ ଆଉ ବକ୍ତାମାନେ ମତ ରଖିଛନ୍ । କାର୍ଯ୍ୟକ୍ରମ୍‌ଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଉପସ୍ଥିତ୍ ଥିଲେ ।

ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖେଲ୍‌ର ରୋମାଂଚକ୍ ଦୁନିଆକେ ଲୁକ୍‌କର୍ ସାମ୍ନାକେ ଆନୁଥିବା ପେଶାଗତ ସାମ୍ବାଦିକ ମାନ୍‌କୁ ସମ୍ମାନ୍ ଜନାବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହେଉଛେ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ୍ । ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରେସ୍ ସଂଗଠନ୍‌ର ୭୦ ବଛର୍ ପୂର୍ତି ଅବ୍‌ସରେ

୧୯୯୪ ମସିହା ଜୁଲାଇ ୨ ତାରିଖ୍ ଦିନ ପହେଲାକରି ବିଶ୍ୱ କ୍ରୀଡ଼ା ସାମ୍ବାଦିକ୍ ଦିବସ୍ ପାଲନ୍ କରାଯାଇଥିଲା । କ୍ରୀଡ଼ା ସାମ୍ବାଦିକ୍‌ତାର ଇତିହାସ୍ ୧୮ ଶହ ମସିହାନୁ ମୁଲ୍ ହେଇଥିଲା । ୧୯୨୦ ମସିହା ବେଲ୍‌କେ ଇଟା ପୂର୍ଣ୍ଣାଙ୍ଗ ଭାବେ ବିକଶିତ୍ ହେବାର୍ ମୁଲ୍ କରିଥିଲା । କ୍ରୀଡ଼ା ସାମ୍ବାଦିକତା ଇହାଛିନିର୍ ସମିଆଥି ସାମ୍ବାଦିକତା ପେଷାର ଗୁଟେ ପ୍ରମୁଖ ଲୋକପ୍ରିୟ ଅଂଶ ହେଇଛେ । ମୁନୁଷ୍ ଜୀବନ୍‌ଥି ଖେଲ୍‌ର ପ୍ରାସଙ୍ଗିକତା ଆଉ ଦର୍‌କାର୍‌କେ ଲୋକ୍‌ଲୋଚନ୍‌କେ ଆନ୍‌ବାର୍‌ଥି କ୍ରୀଡ଼ା ସାମ୍ବାଦିକ୍‌ମାନ୍‌କର୍ ବହୁତ୍ ବଡ଼୍ ଭୂମିକା ରହିଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ନିରପେକ୍ଷ ପ୍ରତିଯୋଗିତା: ସଚ୍ଚୋଟତା ଏବଂ ପ୍ରଭାବୀ ଖବର ସଂଗ୍ରହ' । ଇ ବାବ୍‌ଦେ କ୍ରୀଡ଼ା ସାମ୍ବାଦିକ୍ ଜ୍ଞାନ୍ ରଞ୍ଜନ୍ ମିଶ୍ର ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍...

(ଭଏସ୍ ଓଭର୍- ଜ୍ଞାନ୍ ରଞ୍ଜନ୍ ମିଶ୍ର)

ଆଇଆଇଏମ୍‌ସି ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍ସି ଥି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ନାଁଲେଖା ପ୍ରକ୍ରିୟା ଜାରି ରହିଛେ । ଆଏବାକାଏଲ୍ ସଖାଲର୍ ୧୧ ବଜେ ପତ୍ର ସୂଚନା କାର୍ଯ୍ୟାଳୟ- ଭୁବ୍ନେଶ୍ୱର୍, ଆକାଶ୍ବାଣୀ କାର୍ଯ୍ୟାଳୟ ସମ୍ବଲ୍ପୁର୍ ଆଉ ୧୭ ତାରିଖ୍ ଆଇଆଇଏମ୍ସି ଢେଙ୍କାନାଲ୍ ପରିସର୍ ନ ସ୍ପଟ୍ ଏଡ୍ମିଶନ୍ ଆଉ ସାକ୍ଷାତ୍କାର୍ ହେବା । ଇଚ୍ଛୁକ ଛାତ୍ରଛାତ୍ରୀମାନେ ୯୯୩୭୮-୮୧୨୮୫ ନମ୍ବର୍‌ଥି ଯୋଗାଯୋଗ୍ କରିପାର୍ବେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ଆଉ ତାକେ ଲାଗି କରିଥିବା ଦକ୍ଷିଣ ବାଂଲାଦେଶ୍ ଉପ୍ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇଟା ଘନୀଭୂତ୍ ହେଇକରି ଆଏବାକାଏଲ୍ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ଆଏବା ୭ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି, ଘଡ଼୍ଘଡ଼ି ସହେତେ ବର୍ଷା ହେବା ବଲି ୧୬ ଟା ଜିଲ୍ଲାକେ ସତର୍କ କରାଯାଇଛେ ।